# e-Pathsala & e-Mulyankan

(A Govt. of Odisha Initiative for Elementary & Secondary students under School & Mass Education Department)




**Shri Samir Ranjan Dash, Hon'ble Minister of School and Mass Education** inaugurated the online learning management portals "E-Pathashala" http://epathshala.odisha.gov.in/ and "E-Mulyankan" http://emulyankan.odisha.gov.in/ on Thursday, 17/06/2021. Amid the second wave of COVID-19 pandemic and closure of schools, Government of Odisha launched these two online portals for the students under School & Mass Education Department (S&ME) in the State of Odisha to provide digital content, online teaching and assessment (both online & offline).




Hon'ble Minister said these two portals would help in assessing the education of the students during the COVID-19 pandemic at a time when all educational institutions are closed in the State.




**Shri Satyabrata Sahu, IAS** and Principal Secretary, Department of School and Mass Education said the students who dropped out due to the COVID-19 pandemic and also the migrant students would find the portal useful and their assessment can be done online.

**Shri Bhupendra Singh Poonia, IAS**, State Project Director(SPD), OSEPA spoke about the steps initiated to provide teaching through the portal to the students from June 21 across the State.



Shri Malaya Das, Scientist-F and Shri Siba Prasad Dash, Scientist E gave presentation of both the portals and outlined the functionalities and benefits.

The Principal Secretary as well as the State Project Director appreciated and acknowledged the efforts of NIC team working on the project under the able guidance of **Smt. Kabita Roy Das, DDG & SIO**, NIC, Odisha.

## ସ୍କୁଲ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ପାଠପଢ଼ାକୁ ଗୁରୁତ୍ୱ

# ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନର ଶୁଭାରମ୍ଭ

Educational Platform

- ଡିଇଓଙ୍କ ସହ ଆଲୋଚନା କଲେ ଗଣଶିକ୍ଷା ମନ୍ତ୍ରୀ
- ଇ-ପିଟିଏମ୍ କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୭।୬ (ଇମିସ): ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣ ଅଭିବୃଦ୍ଧି ମୂଲ୍ୟାୟନ ପାଇଁ ଓସେପା ଦ୍ୱାରା ପ୍ରସ୍ତୁତ ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ପୋର୍ଟାଲ ଲୋକାର୍ପଣ ହୋଇଛି। ଆଜି ପୂର୍ବାହ୍ନରେ ଭର୍ଚୁଆଲ୍ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରି କହିଛନ୍ତି ଯେ କୋଭିଡ୍ ସମୟରେ ପିଲାମାନେ କେତେ ଶିକ୍ଷା ଲାଭ କଲେ, ତାହାର ଆକଳନ କରିବାରେ ଏହି ପୋର୍ଟାଲ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ) ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନ ଯଥା ଡିଜିଟାଲ୍ ଶିକ୍ଷା, ସ୍ମାର୍ଟ କ୍ଲାସରେ ବିଶେଷ ସହାୟକ ହେବ। ଏହାଦ୍ୱାରା ଉଭୟ ଜିଲ୍ଲା ଓ ରାଜ୍ୟସ୍ତରରେ ଶିକ୍ଷା ପ୍ରଶାସକ ଶିକ୍ଷଣ ଅଗ୍ରଗତିର ସମୀକ୍ଷା କରିପାରିବେ। ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ସହ ଆଲୋଚନା କରି ମନ୍ତ୍ରୀ ଶ୍ରୀ ଦାଶ କହିଲେ, ଗତ ବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇନଥିଲା। ତୃଣମୂଳସ୍ତରରେ ପିଲାଙ୍କ ପାଖରେ କିପରି ଶିକ୍ଷା ପହଞ୍ଚିବ, ତାହା ଆମର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ଏ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ା।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ଡ୍ରପ୍‌ଆଉଟ୍ ପିଲା ଏବଂ ପ୍ରବାସୀ (ମାଇଗ୍ରାଣ୍ଟ) ପିଲାଙ୍କୁ ସର୍ଭେ ମାଧ୍ୟମରେ ଠାବ କରି ମୁଖ୍ୟସ୍ରୋତକୁ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଯୋଗଦେଇ ଦୂରଦର୍ଶନରେ 'ଶିକ୍ଷା ଦର୍ପଣ', 'ରେଡିଓ ପାଠଶାଳା', ହ୍ୱାଟସ୍‌ଆପ୍ ମାଧ୍ୟମରେ ବିଭିନ୍ନ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ପାଠପଢ଼ା ହେବ। ଜୁନ୍ ୨୧ରୁ ୟୁ-ଟ୍ୟୁବ୍ ମାଧ୍ୟମରେ ସମସ୍ତ ଶ୍ରେଣୀର ଶିକ୍ଷାଦାନ ପାଇଁ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।

ବୈଠକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ, ଶିକ୍ଷକ ନିଯୁକ୍ତି, ସାମଗ୍ରୀ କ୍ରୟ, ପାଣ୍ଠି ବିନିଯୋଗ ସାର୍ଟିଫିକେଟ୍ ଓ ଉନ୍ନତ ଶିକ୍ଷାଦାନ ଆଦି ଉପରେ ଆଲୋଚନା ହୋଇଛି। ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ବାବଦରେ ଚାଉଳ ଓ ଅର୍ଥରାଶି ଠିକ୍ ସମୟରେ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କେତେକ ବିଦ୍ୟାଳୟରେ ହୋଇଥିବା ପୁଷ୍ଟି ବଗିଚା ଦେଖି ମନ୍ତ୍ରୀ ଶ୍ରୀ ଦାଶ ପ୍ରଶଂସା କରିବା ସହ ବର୍ଷା ଋତୁରେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ମୌଳିକ ଭାଷା ଓ ସାଂଖ୍ୟିକ ଜ୍ଞାନ ସମୃଦ୍ଧ ପାଇଁ ଗଣଶିକ୍ଷା ବିଭାଗ ଓ ସେଣ୍ଟର ସ୍କୋୟାର୍ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କରୋନା ସମୟରେ ଛାତ୍ରଛାତ୍ରୀ ଘରେ ରହୁଥିବାରୁ ପିତାମାତାଙ୍କ ସହଯୋଗ ନିମିତ୍ତ ଇ-ପିଟିଏମ୍(ଭର୍ଚୁଆଲ୍ ମାଧ୍ୟମ)ରେ ଶିକ୍ଷକ ଓ ଅଭିଭାବକ ବୈଠକ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

# ଇ-ପାଠଶାଳା, ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

## ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷା

- ଶିକ୍ଷା କ୍ଷେତ୍ରର ବୈପ୍ଳବିକ ପରିବର୍ତ୍ତନରେ ସହାୟକ ହେବ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ମୂଲ୍ୟାୟନ ପାଇଁ ଓପେପା ଦ୍ୱାରା ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ନାମରେ ଦୁଇଟି ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭର୍ଚ୍ଚୁଆଲ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, କୋଭିଡ୍ ସମୟରେ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନ ଏବଂ ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନ ଯଥା ଡିଜିଟାଲ୍ ଶିକ୍ଷା ଓ ସ୍ମାର୍ଟ କ୍ଲାସ୍‌ରେ ଏହା ବିଶେଷ ସହାୟକ ହେବ। ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷା ଅଗ୍ରଗତିର ସମୀକ୍ଷା କରିପାରିବେ। ଗତବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇ ନ ଥିଲା। ଦୁର୍ଗମ ଅଞ୍ଚଳରେ ଥିବା ପିଲା ପାଖରେ କିପରି ଶିକ୍ଷା ପହଞ୍ଚାଇବା ତାହା ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

# Govt launches e-learning facilities for students

TIMES NEWS NETWORK



School and mass education minister Samir Ranjan Dash at the inauguration in Bhubaneswar

**Bhubaneswar:** After launching YouTube classes for students of Class IX and X, the state government on Thursday launched e-Pathsala and e-Mulyankan facilities keeping in mind disruption of classes during the ongoing pandemic. These online platforms will benefit students, teachers and district education officers (DEOs).

The e-Pathsala is an online learning platform that has repositories of e-contents in the form of documents, audios and videos. The e-contents will support different areas of online learning like self-learning, online classes, assignments, assessments and evaluation of the learners' progress. The e-Mulyankan platform is designed to act as a digital bank of practice tests and model question so that the students can practice for examinations. The teachers can conduct tests, mock examinations and final examinations through the e-Mulyankan platform.

These e-learning facilities were created as long-term solution for any difficult situation, said school and mass education minister Samir Ranjan Dash after launching the platforms.

The school and mass education department also signed an MoU with Central Square Foundation to achieve foundational literacy and numeracy among children in Class I and III. Teachers have been identified for this programme and it would be taken up in a mission mode, said a senior officer.

The department has also started identifying dropouts and migrant children through door-to-door surveys. Mainstreaming the children is also a priority for the department.

Besides, the government is all set to start live YouTube streaming for students from Class I to VIII from June 21. The department also plans to activate the Odisha Shiksha Sanjog, a WhatsApp-based programme that allows the teachers to share e-content and materials with students. The e-contents will also launch radio pathsala and telecast video lessons under Shiksha Darpan for Class I to XII on Doordarshan.